## ଜଙ୍ଗଲ ଗ୍ରାମ, ପୁରାତନ ବସତି ସର୍ବେକ୍ଷଣ ହୋଇନଥିବା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କର ମାର୍ଗଦର୍ଶୀକା

ତା ୦୮.୧୧.୨୦୧୩

ପ୍ରାପ୍ତେଷୁ,

୧. ରାଜ୍ୟ ସରକାରଙ୍କର ସମସ୍ତ ମୁଖ୍ୟ ଶାସନ ସଚିବ

(ଜାମ୍ମୁ ଏବଂ କାଶ୍ମୀର, ପଞ୍ଜାବ, ହରିୟାଣା ଓ ଦିଲ୍ଲୀକୁ ବାଦ୍ ଦେଇ)

୨. କେନ୍ଦ୍ର ଶାସିତ ଅଞ୍ଚଳର ସମସ୍ତ ପ୍ରଶାସନିକ ଅଧିକାରୀ

(ଲାକ୍ଷାଦ୍ୱୀପ ଓ ପଣ୍ଡିଚେରୀକୁ ବାଦ୍ ଦେଇ)

ବିଷୟ: (ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ର ଧାରା ୩(୧)(ଜ) ଅଧିନରେ ଜଙ୍ଗଲଗ୍ରାମ, ପୁରାତନ ବସତି, ସର୍ବେକ୍ଷଣ ହୋଇନଥିବା ଗ୍ରାମ, ଇତ୍ୟାଦିର ପରିବର୍ତ୍ତନ କରାଯାଇ ରାଜସ୍ୱଗ୍ରାମର ମାନ୍ୟତା ଦେବା ସମ୍ବନ୍ଧରେ)

ମହାଶୟ,

୧) ଆପଣମାନେ ସମସ୍ତେ ଜାଣିଛନ୍ତି ଯେ, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬ (ସଂକ୍ଷିପ୍ତରେ ଜଙ୍ଗଲ ଅଧିକାର ଆଇନ୍)ର ଧାରା ୩ (୧)(ଜ) ଅଧିନରେ ଜଙ୍ଗଲଗ୍ରାମ, ପୁରାତନ ବସତି, ସର୍ବେକ୍ଷଣ ହୋଇନଥିବା ଗ୍ରାମ ଇତ୍ୟାଦିକୁ ବନ୍ଦୋବସ୍ତ ତଥା ପରିବର୍ତ୍ତିତ କରାଯାଇ ରାଜସ୍ୱ ଗ୍ରାମର ମାନ୍ୟତା ଦେବାର ବ୍ୟବସ୍ଥା ଜଙ୍ଗଲ ଅଧିକାର ଆଇନ୍‌ରେ ରହିଛି । ବିଗତ ବର୍ଷ ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ସରକାରଙ୍କୁ ଜଙ୍ଗଲ ଅଧିକାର ଆଇନ୍‌ର ବିଭିନ୍ନ ପର୍ଯ୍ୟାୟର ସଠିକ୍ କାର୍ଯ୍ୟକାରୀତାକୁ ନେଇ ବିସ୍ତୃତ ମାର୍ଗଦର୍ଶୀକା ପ୍ରକାଶ କରିଥିଲେ । ଯେକୌଣସି ପ୍ରକାର ଜଙ୍ଗଲ ଜମିରେ ଥିବା ଜଙ୍ଗଲ ଗ୍ରାମ ଅଥବା ସେଭଳି ବସତି କୌଣସିଟିକୁ ବାଦ୍ ନଦେଇ ଜଙ୍ଗଲ ଅଧିକାର ଆଇନ୍‌ର ପ୍ରାବଧାନ ଅନୁସାରେ ରାଜସ୍ୱ ଗ୍ରାମର ମାନ୍ୟତା ଦେବାପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ, ସମସ୍ତ ଜଙ୍ଗଲ ଗ୍ରାମ, ବନ୍ଦୋବସ୍ତ ହୋଇନଥିବା ଗ୍ରାମ, ଏବଂ ପୁରାତନ ବସତିଗୁଡ଼ିକୁ ଜରୁରୀକାଳିନ ଭିତ୍ତିରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରାଯାଉ । ଏହା ମଧ୍ୟ ସ୍ପଷ୍ଟ କରାଯାଇଥିଲା ଯେ, ପରିବର୍ତ୍ତନ କରାଯାଇଥିବା ଗ୍ରାମର ବାସ୍ତବରେ ବ୍ୟବହୃତ ଜମି ତଥା ବର୍ତ୍ତମାନ ତଥା ଭବିଷ୍ୟତରେ ଗ୍ରାମଗୋଷ୍ଠୀ ନିମନ୍ତେ ସ୍କୁଲ, ସ୍ୱାସ୍ଥ୍ୟ ସୁବିଧା, ସାମୂହିକ ସ୍ଥଳ ଇତ୍ୟାଦି ପାଇଁ ଆବଶ୍ୟକ ହେବାକୁ ଥିବା ଜମି ଏହାର ଅନ୍ତର୍ଭୁକ୍ତ

ହେବ। ୬.୯.୨୦୧୨ରେ ବିଜ୍ଞପ୍ତି ଜାରି ହୋଇଥିବା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ସଂଶୋଧନ ନିୟମ ୨୦୧୨ରେ ମଧ୍ୟ ଏହି ସମାନ ପ୍ରାବଧାନ ରହିଛି।

୨) ଯଦିଓ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଲାଗୁ ହେବା ପାଞ୍ଚବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ହେଲାଣି ତେବେ ମଧ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାର ଜଙ୍ଗଲ ଗ୍ରାମ ତଥା ଏଭଳି ବସତିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବାରେ ମନ୍ଥରତା ପ୍ରଦର୍ଶନ କରୁଛନ୍ତି। ଆଦିବାସୀ ମନ୍ତ୍ରଣାଳୟର ନଜରକୁ ଆସିଛି ଯେ ରାଜ୍ୟ ସରକାର ଜଙ୍ଗଲଗ୍ରାମକୁ ରାଜସ୍ୱଗ୍ରାମରେ ପରିବର୍ତ୍ତିତ କରିବାପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଯେହେତୁ ରାଜ୍ୟର ଜଙ୍ଗଲ ବିଭାଗ କର୍ମକର୍ତ୍ତାମାନେ ଭାବୁଛନ୍ତି ଯେ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ର ପ୍ରାବଧାନ ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦କୁ ରଦ୍ଦ କରିପାରିବ ନାହିଁ। ୧୩.୧୧.୨୦୦୦ରେ ଉଚ୍ଚତମ ନ୍ୟାୟାଳୟର ନିଷ୍ପତ୍ତି ଓଇ ଘକ୍ଟ. ୨ ଡଚ ଘକ୍ଟ. ୩୩୭/୧୯୯୫ ଅନୁସାରେ ଜଙ୍ଗଲ ଜମିର ବିଜ୍ଞପ୍ତିକୁ ନାକଚ କରିବା, ଅଣସଂରକ୍ଷିତ କରିବା ଘୋଷଣା କରାଯାଇଥିବା ଜଙ୍ଗଲ ଗ୍ରାମକୁ ଅନ୍ୟାନ୍ୟ ସେଭଳି ଗ୍ରାମକୁ ନାକଚ କରିବାରେ ଆଦେଶକୁ ରଦ୍ଦ କରିଛି। ଜଙ୍ଗଲ ଗ୍ରାମ ତଥା ସେଭଳି ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବା ନେଇ ଆହୁରି ଅନେକ ସମସ୍ୟା ରହିଛି ଯାହା ଉପରେ ଆଇନକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ରାଜ୍ୟ ସରକାରଙ୍କ କର୍ମକର୍ତ୍ତାମାନଙ୍କ ସ୍ପଷ୍ଟତା ନାହିଁ, ଯେପରିକି ଜଙ୍ଗଲଗ୍ରାମ ଓ ଅନ୍ୟ ସେଭଳି ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବାପାଇଁ ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ର ଧାରା ୨ ଅଧିନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ କି ? ଏହି ପରିବର୍ତ୍ତନରେ ଜଙ୍ଗଲ ଜମିର ବିଜ୍ଞପ୍ତିକୁ ନାକଚ କରିବା ଆବଶ୍ୟକ କି ? ଜମିର ଆଇନ୍‌ଗତ ସ୍ଥିତି ଜଙ୍ଗଲ କିସମରୁ ରାଜସ୍ୱ କିସମକୁ ବଦଳାଇବା ଦରକାର କି ? ଜଙ୍ଗଲ ବିଭାଗର ରେକର୍ଡ଼ରେ ନଥିବା ଓ ବନ୍ଦୋବସ୍ତ ହୋଇନଥିବା ଗ୍ରାମ ଓ ବସତିକୁ କିପରି ପରିବର୍ତ୍ତିତ କରାଯାଇପାରିବ ଇତ୍ୟାଦି କେଉଁ ପ୍ରକ୍ରିୟାକୁ ଅନୁସରଣ କରି ଜଙ୍ଗଲ ଗ୍ରାମ ତଥା ବନ୍ଦୋବସ୍ତ ହୋଇନଥିବା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରାଯାଇପାରିବ ତା ର ସ୍ପଷ୍ଟତା ରାଜ୍ୟ ସରକାରଙ୍କର ଅଧିକାରୀଙ୍କହ ନାହିଁ।

୩) ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୩(୧)(ଜ) ଅଧିନରେ ଜଙ୍ଗଲଗ୍ରାମ ଓ ସେଭଳି ବସତିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବାର ପ୍ରାବଧାନ ଉପରେ ଅଧିକ ସ୍ପଷ୍ଟତା ଆଣି ଏହି ପ୍ରକ୍ରିୟାକୁ ଦୃଢ଼ତର କରିବାପାଇଁ ନିମ୍ନଲିଖିତ ସ୍ପଷ୍ଟିକରଣ ରାଜ୍ୟ ତଥା କେନ୍ଦ୍ରଶାସିତ ସରକାରଙ୍କୁ ପ୍ରଦାନ କରାଗଲା।

(୧) ଜଙ୍ଗଲ ଗ୍ରାମ ସଂକ୍ରାନ୍ତିୟ ପ୍ରସଙ୍ଗ :- ଜଙ୍ଗଲ ଅଧିକାର ଆଇନ୍ ୨୦୦୬ର ପ୍ରାବଧାନଗୁଡ଼ିକ ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ର ପ୍ରାବଧାନ ଓ ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ୧୩.୧୧.୨୦୦୦ର ଓଇ ଘକ୍ଟ. ୨ ଡଚ ଘକ୍ଟ. ୩୩୭/୧୯୯୫ ନିଷ୍ପତ୍ତିକୁ ରଦ୍ଦ କରୁଛି କି ?

ସ୍ପଷ୍ଟିକରଣ :-

ଆଇନ୍ ଦ୍ୱାରା ପ୍ରତିଷ୍ଠିତ ନିୟମ ଓ ବୈଧାନିକ ଭାବରେ ସ୍ଥାପିତ ବ୍ୟାଖ୍ୟା ଅନୁସାରେ ପରବର୍ତ୍ତୀ ଆଇନ୍ ନ୍ୟାୟାଳୟର ପୂର୍ବବର୍ତ୍ତୀ ନ୍ୟାୟାଦେଶଗୁଡ଼ିକୁ ରଦ୍ଦ କରିବ।

ଜଙ୍ଗଲ ଅଧିକାର ଆଇନ୍ ୨୦୦୬ର ଧାରା ୪(୧) ଯାହା ରାଜ୍ୟର ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ପ୍ରଦାନ କରିଛି । ଆଇନ୍‌ର ଧାରା ୩(୧)ର ଅନ୍ତର୍ଭୁକ୍ତ ୩(୧)(ଜ) ଅଧିନରେ ଆଦିବାସୀ ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଅଧିକାରକୁ ସ୍ୱୀକୃତି ଦେଇଛି । ବର୍ତ୍ତମାନ ପ୍ରଚଳିତ ଥିବା ଅନ୍ୟ କୌଣସି ଆଇନ୍‌ର ପ୍ରାବଧାନ ସତ୍ତ୍ୱେ ଜଙ୍ଗଲ ଅଧିକାର ଆଇନ୍‌ର ପ୍ରାବଧାନ ୩(୧) ଅଧିନରେ ଅଧିକାରଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରାଯିବ । ଯଦିଓ ଅନ୍ୟାନ୍ୟ ଆଇନ୍, ବୈଧାନିକ ନିୟମ ଓ ନ୍ୟାୟାଦେଶଗୁଡ଼ିକ ଜଙ୍ଗଲ ଅଧିକାରଗୁଡ଼ିକୁ ବିରୁଦ୍ଧାଚରଣ କରୁଥିଲେ ମଧ୍ୟ ଉକ୍ତ ଆଇନ୍ ବଳବତ୍ତର ରହିବ ।

ଜଙ୍ଗଲ ଅଧିକାର ଧାରା ୪(୭) ଅନୁଯାୟୀ ସ୍ୱତନ୍ତ୍ର ଭାବରେ ରହିଥିବା ପ୍ରାବଧାନକୁ ବାଦ୍ ଦେଇ ଏହି ଆଇନ୍ ସମସ୍ତ ପ୍ରକାର ବାଧା ଓ ପ୍ରକ୍ରିୟାଗତ ଆବଶ୍ୟକତାରୁ ମୁକ୍ତ ଅଟେ, ଯେପରି ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ ଅଧିନରେ ଅନୁମତି ବା ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ କ୍ଷତିପୂରଣ ଜନିତ ବୃକ୍ଷ ରୋପଣ ପାଇଁ ବର୍ତ୍ତମାନର ମୂଲ୍ୟ ଇତ୍ୟାଦିର ଆବଶ୍ୟକତା ରହିବନାହିଁ । ପ୍ରାବଧାନକୁ ସାଧାରଣ ଅର୍ଥରେ କହିବାକୁ ଗଲେ ଜଙ୍ଗଲ ଅଧିକାର ସ୍ୱୀକୃତି ଯେଉଁଥିରେ ବନ୍ଦୋବସ୍ତ ତଥା ଜଙ୍ଗଲ ଗ୍ରାମ ଓ ଅନ୍ୟାନ୍ୟ ସେଭଳି ବସତିର ଧାରା ୩(୧) (ଜ) ଅଧିନରେ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ ହେବା ସମୟରେ ଏହା ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ର ଧାରା ୨ର ପ୍ରାବଧାନ ମୁକ୍ତ ରହିବ ଓ କ୍ଷତିପୂରଣ ଜନିତ ବୃକ୍ଷରୋପଣ ପାଇଁ ବର୍ତ୍ତମାନର ମୂଲ୍ୟ ପ୍ରଦାନର ଆବଶ୍ୟକତାରୁ ମଧ୍ୟ ମୁକ୍ତ ରହିବ ।

୩୧.୧୨.୨୦୦୭ରେ କାର୍ଯ୍ୟକାରୀ ହୋଇଥିବା ଜଙ୍ଗଲ ଅଧିକାର ଆଇନ୍ ୨୦୦୬ରେ ଉଚ୍ଚତମ ନ୍ୟାୟାଳୟ ୧୩.୧୧.୨୦୦୦ରେ ଓଇ ଘକ୍ଟ. ୨ ଉଚ ଘକ୍ଟ. ୩୩୭/୧୯୯୫ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶ ଯାହା ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ର ବ୍ୟାପକ ଉଲ୍ଲଙ୍ଘନକୁ ଆଧାର କରି ଦିଆଯାଇଥିଲା । ତେଣୁ ଏହା ଜଙ୍ଗଲ ଅଧିକାର ଆଇନ୍ ୨୦୦୬ର ଧାରା ୩(୧)(ଜ) ଦ୍ୱାରା ପରିଚାଳିତ ହେବ । ଏହାର ପ୍ରାବଧାନ ଅନୁସାରେ ଜଙ୍ଗଲଗ୍ରାମ ତଥା ସେଭଳି ବସତିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତୀତ କରିବ ଏବଂ ଆଇନ୍‌ର ଧାରା ୩ (୧)ରେ ସ୍ୱତନ୍ତ୍ର ଭାବରେ ରହିଥିବା ଅନ୍ୟାନ୍ୟ ଜଙ୍ଗଲ ଅଧିକାରକୁ ମଧ୍ୟ ସମାନ ପ୍ରକ୍ରିୟାରେ ସ୍ୱୀକୃତି ପ୍ରଦାନ କରାଯିବ ।

୨) ଜଙ୍ଗଲ ଗ୍ରାମ ସଂକ୍ରାନ୍ତିୟ ପ୍ରସଙ୍ଗ :- ଜଙ୍ଗଲ ଗ୍ରାମ ଓ ସେଭଳି ବସତିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବାରେ ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ର ଧାରା ୨ ଅଧିନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ କରିବ କି ?

ସ୍ପଷ୍ଟିକରଣ :-

ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ର ଧାରା ୨ ଅନୁସାରେ ଜଙ୍ଗଲ ଗ୍ରାମ ଓ ସେଭଳି ବସତିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତିର ଆବଶ୍ୟକତା ନାହିଁ ।

ତା ପରଠାରୁ ଜଙ୍ଗଲ ଜମିକୁ ବ୍ୟାପକ ଅର୍ଥରେ ବୁଝାଯାଉଛି । ସେଥିରେ ଜଙ୍ଗଲ ଜମି ବିଭାଗୀକରଣ ଅନୁଯାୟୀ ନୁହେଁ ବରଂ ଅନ୍ୟ ଜଙ୍ଗଲ ଯେପରିକି ରାଜସ୍ୱ ଜଙ୍ଗଲ ବ୍ୟକ୍ତିଗତ ବା ବେସରକାରୀ ଜଙ୍ଗଲ,  ଗୋଷ୍ଠୀ ଜଙ୍ଗଲ ଏବଂ ଅନ୍ୟ କୌଣସି ପ୍ରକାର ଜଙ୍ଗଲ ଜମି ଏହାର ଅନ୍ତର୍ଭୁକ୍ତ ହୋଇପାରିବ ।

ଜଙ୍ଗଲ ଅଧିକାର ଆଇନ୍‌ର ପରିଧି ମଧ୍ୟରେ ଯଦି ସେଭଳି ଜଙ୍ଗଲ ଗ୍ରାମ କିମ୍ବା ସେଭଳି ଅନ୍ୟ ଗ୍ରାମ ଯାହା ଜଙ୍ଗଲ ଜମିରେ ଥିବ ତାହା ଜଙ୍ଗଲ ଜମି ଭାବରେ ବିଭାଗୀକରଣ ହୋଇନଥିଲେ ମଧ୍ୟ ତାହା ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ ହୋଇପାରିବ ।

୪) ଜଙ୍ଗଲ ଗ୍ରାମ ସଂକ୍ରାନ୍ତିୟ ପ୍ରସଙ୍ଗ :- ଜଙ୍ଗଲ ଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତୀତ କରିବା ସମୟରେ ଉକ୍ତ ଅଞ୍ଚଳର ବିଜ୍ଞପ୍ତିକୁ ବଦଳାଇବା / ଅଣସଂରକ୍ଷିତ କରିବା ଅଥବା ଉକ୍ତ ଜମିର ସ୍ଥିତିରେ ପରିବର୍ତ୍ତନ ଆଣିବା ଆବଶ୍ୟକ କି ?

ସ୍ପଷ୍ଟିକରଣ :-

ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଜଙ୍ଗଲର ବ୍ୟାପକ ପରିଭାଷା ଆଧାରରେ ଜଙ୍ଗଲ ଜମି ଉପରେ ଥିବା ଜଙ୍ଗଲ ଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରି ସମସ୍ତ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ପ୍ରଦାନ କରିବ ।

କେତେକ ଜଙ୍ଗଲ ଗ୍ରାମ, ରାଜସ୍ୱ ଜଙ୍ଗଲ, ବ୍ୟକ୍ତିଗତ ବା ବେସରକାରୀ ଜଙ୍ଗଲ କିମ୍ବା ଗୋଷ୍ଠୀ ଜଙ୍ଗଲ ଯେ କୌଣସି ଜଙ୍ଗଲ ଜମି ଉପରେ ଥାଉନା କାହିଁକି ତାକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରାଯାଇପାରିବ ।

ତେଣୁ ଯେଉଁ ଗ୍ରାମଗୁଡ଼ିକ ପରିବର୍ତ୍ତିତ ହେଉଛି ତାକୁ ରାଜସ୍ୱ ରେକର୍ଡ଼ରେ ଗ୍ରାମ ଭାବରେ ଆଇନ୍‌ତଃ ତାହା ସୁରକ୍ଷିତ ରହିବ ।

୫) ଜଙ୍ଗଲ ଗ୍ରାମ ସଂକ୍ରାନ୍ତିୟ ପ୍ରସଙ୍ଗ :- ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୩(୧)(ଜ) ଅନୁସାରେ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ମଧ୍ୟରେ ଥିବା ଜଙ୍ଗଲ ଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମଗୁଡ଼ିକ ମଧ୍ୟ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ ହୋଇପାରିବ କି ?

ଜଙ୍ଗଲ ଅଧିକାର ଆଇନ୍ ୨୦୦୬ର ପ୍ରାବଧାନ ଅଧିନରେ ରାଜ୍ୟସ୍ତରୀୟ କମିଟି ଆଇନ୍‌ର ଧାରା ୩(୧) ସ୍ୱତନ୍ତ୍ର ଭାବରେ ଉଲ୍ଲେଖିତ ସମସ୍ତ ଜଙ୍ଗଲ ଅଧିକାର ତଥା ୩(୧)(ଜ)ରେ ଥିବା ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବାରେ ଚୂଡାନ୍ତ ଅଧିକାରୀ ଅଟନ୍ତି ।

୩) ଜଙ୍ଗଲ ଗ୍ରାମ ସଂକ୍ରାନ୍ତିୟ ପ୍ରସଙ୍ଗ :- ଜଙ୍ଗଲ ଜମି ଭାବରେ ବିଭାଗୀକରଣ ହୋଇନଥିବା ଜମିରେ ରହିଥିବା ଜଙ୍ଗଲଗ୍ରାମ ବା ସେଭଳି ବସତିର ପରିବର୍ତ୍ତନ ଆବଶ୍ୟକ କି ?

ସ୍ପଷ୍ଟିକରଣ :-

ଉଚ୍ଚତମ ନ୍ୟାୟାଳୟର ପ୍ରମୂଖ ନ୍ୟାୟାଦେଶ ଯାହା ୧୨.୧୨.୧୯୯୭ରେ ଗୋଦାବର୍ମନ କେସରେ ଦେଇଥିଲେ ତାହା ସ୍ପଷ୍ଟ କରିଥିଲା ଯେ ଜଙ୍ଗଲ ଜମିର ଯାହା ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ର ଧାରା ୨ ଅନୁସାରେ ଜଙ୍ଗଲ ଜମିର ସଜ୍ଞା କେବଳ

ଶବ୍ଦକୋଶରେ ଥିବା ଅର୍ଥ ଦ୍ୱାରା ପରିଭାଷିତ ହେବନାହିଁ ବରଂ ଯାହା ଅଧିକାର ବା ଅଧିନରେ ଥିବା ଯେକୌଣସି ପ୍ରକାର ଜଙ୍ଗଲଜମି ସରକାରୀ ରେକର୍ଡ଼ରେ ଯଦି ଜଙ୍ଗଲ ବୋଲି ରେକର୍ଡ଼ ହୋଇଛି ତାହାକୁ ଜଙ୍ଗଲ ଜମି ବୋଲି ଧରାଯିବ ।

ତା ପରଠାରୁ ଜଙ୍ଗଲ ଜମିକୁ ବ୍ୟାପକ ଅର୍ଥରେ ବୁଝାଯାଉଛି । ସେଥିରେ ଜଙ୍ଗଲ ଜମି ବିଭାଗୀକରଣ ଅନୁଯାୟୀ ନୁହେଁ ବରଂ ଅନ୍ୟ ଜଙ୍ଗଲ ଯେପରିକି ରାଜସ୍ୱ ଜଙ୍ଗଲ ବ୍ୟକ୍ତିଗତ ବା ବେସରକାରୀ ଜଙ୍ଗଲ, ଗୋଷ୍ଠୀ ଜଙ୍ଗଲ ଏବଂ ଅନ୍ୟ କୌଣସି ପ୍ରକାର ଜଙ୍ଗଲ ଜମି ଏହାର ଅନ୍ତର୍ଭୁକ୍ତ ହୋଇପାରିବ ।

ଜଙ୍ଗଲ ଅଧିକାର ଆଇନ୍‌ର ପରିଧି ମଧ୍ୟରେ ଯଦି ସେଭଳି ଜଙ୍ଗଲ ଗ୍ରାମ କିମ୍ବା ସେଭଳି ଅନ୍ୟ ଗ୍ରାମ ଯାହା ଜଙ୍ଗଲ ଜମିରେ ଥିବ ତାହା ଜଙ୍ଗଲ ଜମି ଭାବରେ ବିଭାଗୀକରଣ ହୋଇନଥିଲେ ମଧ୍ୟ ତାହା ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ ହୋଇପାରିବ ।

୪) ଜଙ୍ଗଲ ଗ୍ରାମ ସଂକ୍ରାନ୍ତିୟ ପ୍ରସଙ୍ଗ :- ଜଙ୍ଗଲ ଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତୀତ କରିବା ସମୟରେ ଉକ୍ତ ଅଞ୍ଚଳର ବିଜ୍ଞପ୍ତିକୁ ବଦଳାଇବା / ଅଣସଂରକ୍ଷିତ କରିବା ଅଥବା ଉକ୍ତ ଜମିର ସ୍ଥିତିରେ ପରିବର୍ତ୍ତନ ଆଣିବା ଆବଶ୍ୟକ କି ?

ସ୍ପଷ୍ଟିକରଣ :-

ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଜଙ୍ଗଲର ବ୍ୟାପକ ପରିଭାଷା ଆଧାରରେ ଜଙ୍ଗଲ ଜମି ଉପରେ ଥିବା ଜଙ୍ଗଲ ଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରି ସମସ୍ତ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ପ୍ରଦାନ କରିବ ।

କେତେକ ଜଙ୍ଗଲ ଗ୍ରାମ, ରାଜସ୍ୱ ଜଙ୍ଗଲ, ବ୍ୟକ୍ତିଗତ ବା ବେସରକାରୀ ଜଙ୍ଗଲ କିମ୍ବା ଗୋଷ୍ଠୀ ଜଙ୍ଗଲ ଯେ କୌଣସି ଜଙ୍ଗଲ ଜମି ଉପରେ ଥାଉନା କାହିଁକି ତାକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରାଯାଇପାରିବ ।

ତେଣୁ ଯେଉଁ ଗ୍ରାମଗୁଡ଼ିକ ପରିବର୍ତ୍ତିତ ହେଉଛି ତାକୁ ରାଜସ୍ୱ ରେକର୍ଡ଼ରେ ଗ୍ରାମ ଭାବରେ ଆଇନ୍‌ତଃ ତାହା ସୁରକ୍ଷିତ ରହିବ ।

୫) ଜଙ୍ଗଲ ଗ୍ରାମ ସଂକ୍ରାନ୍ତିୟ ପ୍ରସଙ୍ଗ :- ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୩(୧)(ଜ) ଅନୁସାରେ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ମଧ୍ୟରେ ଥିବା ଜଙ୍ଗଲ ଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମଗୁଡ଼ିକ ମଧ୍ୟ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ ହୋଇପାରିବ କି ?

ସ୍ପଷ୍ଟିକରଣ :-

ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ସମସ୍ତ ଜଙ୍ଗଲ ଜମି ଏପରିକି ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ମଧ୍ୟରେ ଥିବା ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ସମସ୍ତ ଅଧିକାରକୁ ସ୍ୱୀକୃତି ପ୍ରଦାନ କରୁଛି ।

ତେଣୁ ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୩(୧)(ଜ) ଅନୁସାରେ ବନ୍ୟଜନ୍ତୁ ଅଭୟାରଣ୍ୟ ତଥା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଜଙ୍ଗଲଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ ହେବା ଆବଶ୍ୟକ ।

୬) ଜଙ୍ଗଲ ଗ୍ରାମ ସଂକ୍ରାନ୍ତିୟ ପ୍ରସଙ୍ଗ :- ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଅଧିକାର ସ୍ୱୀକୃତି ପ୍ରକ୍ରିୟାକୁ କ୍ରମାଗତ କାର୍ଯ୍ୟକାରୀ କରି ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ ନହୋଇ ପଡ଼ିରହିଥିବା ଜଙ୍ଗଲ ଗ୍ରାମଗୁଡ଼ିକର କାର୍ଯ୍ୟ ଜାରି ରହିବ କି ?

ସ୍ପଷ୍ଟିକରଣ :-

ଜଙ୍ଗଲ ଅଧିକାର ଆଇନ୍ ୨୦୦୬ର ଧାରା ୩(୧)(ଜ) ପ୍ରାବଧାନ ଅନୁସାରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଜଙ୍ଗଲ ଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବା ନେଇ ପୂର୍ବରୁ ସେଭଳି କିଛି ସର୍ତ୍ତ ରଖାଯାଇନାହିଁ ।

ତେଣୁ ଜଙ୍ଗଲ ଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବାକୁ ଅପେକ୍ଷା ନକରି ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଅଧିକାର ସ୍ୱୀକୃତି ପ୍ରକ୍ରିୟାକୁ କ୍ରମାଗତ ଭାବରେ ଜାରି ରଖିବା ଆବଶ୍ୟକ ।

୭) ଜଙ୍ଗଲ ଗ୍ରାମ ସଂକ୍ରାନ୍ତିୟ ପ୍ରସଙ୍ଗ :- ରେକର୍ଡ଼ ହୋଇନଥିବା ପୁରାତନ ବସତି, ବନ୍ଦୋବସ୍ତ ହୋଇନଥିବା ବସତି ତଥା ଜଙ୍ଗଲ ଜମି ଉପରେ ଥିବା ଅନ୍ୟ ଗ୍ରାମ ଯାହା ରାଜସ୍ୱ କିମ୍ବା ଜଙ୍ଗଲ ଗ୍ରାମ ରେକର୍ଡ଼ର ଅଂଶ ନୁହେଁ, ସେଗୁଡ଼ିକ କିପରି ରାଜସ୍ୱ ଗ୍ରାମର ପରିବର୍ତ୍ତିତ ହୋଇପାରିବ ?

ସ୍ପଷ୍ଟିକରଣ :-

ଜଙ୍ଗଲ ଅଧିକାର ଆଇନର ନିୟମ ୨.କ ଅନୁସାରେ ଏହି ଆଇନ୍‌ର ସଠିକ୍ କାର୍ଯ୍ୟକାରୀତା ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ ଏବଂ ପଞ୍ଚାୟତରାଜ ଅନୁଷ୍ଠାନ ସକ୍ରିୟ ପଦକ୍ଷେପ ଗ୍ରହଣ କରି ଏଭଳି ଗ୍ରାମଗୁଡ଼ିକୁ ପରିବର୍ତ୍ତିତ କରିବା ନିମନ୍ତେ ପ୍ରାରମ୍ଭିକ ଭାବରେ ଚିହ୍ନଟ କରିବେ ।

ପଡ଼ା, ବସତି, ରେକର୍ଡ଼ ହୋଇନଥିବା, ବନ୍ଦୋବସ୍ତ ହୋଇନଥିବା ଗ୍ରାମ, ଜଙ୍ଗଲ ଗ୍ରାମ କିମ୍ବା ଟଙ୍ଗିଆଗ୍ରାମଗୁଡ଼ିକୁ ଚିହ୍ନଟ କରିବାର ପ୍ରକ୍ରିୟା ଓ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଏହାକୁ ଅନ୍ତର୍ଭୁକ୍ତ କରିବାର ପ୍ରାବଧାନ ନିୟମ ୨୦୦୮ ଓ ସଂଶୋଧିତ ନିୟମ ୨୦୧୨ରେ ର ଧାରା ୨(କ)ରେ ଉଲ୍ଲେଖ ଅଛି । ଏହି ନିୟମରେ କୁହାଯାଇଛି ଏଭଳି ପଡ଼ା, ବସତି ଓ ଗ୍ରାମଗୁଡ଼ିକର ଅଧିକାର ସ୍ୱୀକୃତି ପ୍ରଦାନ ସମୟରେ ସେଠାରେ ପୂର୍ବରୁ ସ୍ୱୀକୃତି ଦିଆଯାଇଥିବା ଅଧିକାର କୌଣସି ପ୍ରକାର ବାଧାପ୍ରାପ୍ତ ହେବନାହିଁ ।

୮) ଜଙ୍ଗଲ ଗ୍ରାମ ସଂକ୍ରାନ୍ତିୟ ପ୍ରସଙ୍ଗ :- ଜଙ୍ଗଲ ଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମଗୁଡ଼ିକ ଯେଉଁଠାରେ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ବାସ କରୁଛନ୍ତି ସେହି କ୍ଷେତ୍ରରେ ସେମାନଙ୍କୁ ଡିସେମ୍ବର ୧୩ ତାରିଖ ୨୦୦୫ ପୂର୍ବରୁ ୭୫ ବର୍ଷ ହେଲା ସେଠାରେ ବସବାସ କରିଆସୁଛନ୍ତି । ଏହାର ପ୍ରମାଣ ଦେବାପରେ କ ଣ ଉକ୍ତ ଗ୍ରାମଗୁଡ଼ିକ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ ହେବ ?

ସ୍ପଷ୍ଟିକରଣ :-

ଜଙ୍ଗଲ ଅଧିକାର ଆଇନ୍ ୨୦୦୬ର ଧାରା ୪(୧)(ଖ) ସହିତ ଧାରା ୨(ଣ) ଅନୁସାରେ ଜଙ୍ଗଲ ଅଧିକାରର ସ୍ୱୀକୃତି ପାଇଁ ବ୍ୟକ୍ତି କିମ୍ବା ଗୋଷ୍ଠୀ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କ ନିମନ୍ତେ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ତିନିପିଢ଼ି (୭୫ ବର୍ଷ) ସେମାନେ ସେଠାରେ ବସବାସ କରୁଥିଲେ ଅଥବା ଜୀବିକା ନମନ୍ତେ ଉକ୍ତ ଜଙ୍ଗଲ ଉପରେ ନିର୍ଭର କରୁଥିଲେ ଏହାକୁ ପ୍ରମାଣ କରିବାକୁ ପଡ଼ିବ ।

ଜଙ୍ଗଲ ଅଧିକାର ଆଇନ୍‌ରେ ଅନ୍ୟାନ୍ୟ ପାରମ୍ପରିକ ବନବାସୀ କୌଣସି ବ୍ୟକ୍ତି ବା ଗୋଷ୍ଠୀ ଏକ ଅଞ୍ଚଳର ସ୍ୱତନ୍ତ୍ର ସ୍ଥାନରେ ୭୫ବର୍ଷ ହେଲା ରହିଆସୁଛନ୍ତି ଏହା ପ୍ରମାଣ କରିବାର ଆବଶ୍ୟକତା ନାହିଁ । କେବଳ ମାତ୍ର ସେମାନେ ସେଠାରେ ବାସ କରୁଥିବା ଅଥବା ସେହି ଜଙ୍ଗଲ ଉପରେ ଆବଶ୍ୟକତା ପାଇଁ ନିର୍ଭର କରୁଥିବାର ପ୍ରମାଣ କରିପାରିଲେ ସେମାନଙ୍କୁ ଆଇନ୍ ଅଧିନରେ ଉକ୍ତ ଅଧିକାରର ସ୍ୱୀକୃତି ମିଳିବ । ଏହି ସମାନ ବ୍ୟବସ୍ଥା ଜଙ୍ଗଲ ଗ୍ରାମ ତଥା ଅନ୍ୟ ସେଭଳି ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବା କ୍ଷେତ୍ରରେ ମଧ୍ୟ ଲାଗୁ ହେବ ।

୪) ଜଙ୍ଗଲ ଗ୍ରାମ, ପୁରାତନ ବସତି ଏବଂ ଜଙ୍ଗଲ ଜମିରେ ଅନ୍ୟାନ୍ୟ ବନ୍ଦୋବସ୍ତ ଇତ୍ୟାଦିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବାର ପ୍ରକ୍ରିୟାରେ ଯେଉଁ ମାର୍ଗଦର୍ଶୀକାଗୁଡ଼ିକୁ ଏହି ଚିଠିର ସଂଯୁକ୍ତପତ୍ରରେ ଦିଆଯାଇଛି ତାହା ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ସରକାରଙ୍କ ଦ୍ୱାରା ସ୍ୱୀକୃତ / ସମ୍ମତ କରାଯିବ ।

୫) ଏହାଦ୍ୱାରା ଅନୁରୋଧ କରାଯାଇଛି ଯେ, ଉପରୋକ୍ତ ସ୍ପଷ୍ଟିକରଣ / ପ୍ରକ୍ରିୟାକୁ ଆପଣଙ୍କ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆଇନକୁ କାର୍ଯ୍ୟକାରୀ କରାଉଥିବା ସଂସ୍ଥାର ଦୃଷ୍ଟିକୁ ଅଣାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଆଦିବାସୀ ମନ୍ତ୍ରଣାଳୟ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବା ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପର ଖୁବ୍‌ଶୀଘ୍ର ସମୀକ୍ଷା କରିବ ।

୬) କ୍ଷମତାପର୍ଣ୍ଣ କର୍ତ୍ତୃପକ୍ଷଙ୍କ ଅନୁମୋଦନକ୍ରମେ ଏହା ପ୍ରକାଶ କରାଯାଇଛି ।

ଆପଣଙ୍କ ବିଶ୍ୱସ୍ତ


ଡ. ସାଧନା ରାଉତ

ଯୁଗ୍ମ ସଚିବ ଭାରତ ସରକାର
ଫୋନ୍: ୦୧୧୨୩୩୮୩୬୨୨

ପରିଶିଷ୍ଟ

ସଂଖ୍ୟା ୨୩୦୧୧/୩୩/୨୦୧୦-FRA

ଓଡ଼ିଶା ସରକାର

ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ

**ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬ ଅଧିନରେ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ନିମନ୍ତେ ମାର୍ଗଦର୍ଶୀକା**

ଏହା ମନ୍ତ୍ରଣାଳୟର ଫେବୃୟାରୀ ୨୫, ୨୦୦୮ ଅଧିକରଣର D.O. NO. 17014/2/2007 PC&V (Vol VI) ଏବଂ ପୁନଶ୍ଚ ମନ୍ତ୍ରଣାଳୟର ଡ଼ିସେମ୍ବର ୩, ୨୦୦୮ ଅଧିକରଣର ଚିଠି ସଂଖ୍ୟା 23011/28/2008-SG-II ଅଟେ ।

ଧାରା ୩(୧)(ଜ) ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬ (ଏହାପରଠାରୁ ଆଇନ୍) ଯାହା ଜଙ୍ଗଲ ଅଧିକାରକୁ ପରିଭାଷିତ କରିଛି ସେଥିରେ ଅନ୍ତର୍ଭୁକ୍ତ କରାଯାଇଛି ।

୩. (୧) ନିମ୍ନଲିଖିତ ଅଧିକାରଗୁଡ଼ିକ ଯାହା ବନବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ସମସ୍ତ ଜଙ୍ଗଲ ଜମି ଉପରେ ବ୍ୟକ୍ତିଗତ, ଗୋଷ୍ଠୀଗତ କିମ୍ବା ଉଭୟ ଅଧିକାରକୁ ସ୍ୱୀକୃତି ପ୍ରଦାନ କରିବା ଏହି ଆଇନ୍‌ର ଉଦ୍ଦେଶ୍ୟ ଅଟେ । ସେଗୁଡ଼ିକ ହେଲା:-

(ଜ) ନଥିଭୁକ୍ତ, ବିଜ୍ଞପିତ ହୋଇଥିବା କିମ୍ବା ହୋଇ ନଥିବା ସମସ୍ତ ଜଙ୍ଗଲ ଗ୍ରାମ, ପୁରାତନ ବସତି, ସର୍ବେକ୍ଷଣ ହୋଇନଥିବା ଗ୍ରାମ ଏବଂ ଜଙ୍ଗଲରେ ଥିବା ଅନ୍ୟାନ୍ୟ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ବନ୍ଦୋବସ୍ତ ଏବଂ ପରିବର୍ତ୍ତନର ଅଧିକାର;

ଧାରା ୨(ଘ)ରେ **ଜଙ୍ଗଲ ଜମି**କୁ ନିମ୍ନଲିଖିତ ଭାବରେ ବର୍ଣ୍ଣନା କରାଯାଇଛି :

**'ଜଙ୍ଗଲ ଜମି'** କହିଲେ ଯେକୌଣସି ଜଙ୍ଗଲ ଅଞ୍ଚଳ ମଧ୍ୟରେ ଆସୁଥିବା ଯେ କୌଣସି ଜମି, ଶ୍ରେଣୀଭୁକ୍ତ ହୋଇନଥିବା ଜଙ୍ଗଲ, ସୀମା ଚିହ୍ନଟ କରାଯାଇନଥିବା ଜଙ୍ଗଲ, ପରିଦୃଷ୍ଟ ହେଉଥିବା କିମ୍ବା ବିବେଚିତ ହେଉଥିବା ଜଙ୍ଗଲ, ସୁରକ୍ଷିତ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ, ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନର ଅନ୍ତର୍ଗତ ହେଉଥିବା ଜମିକୁ ବୁଝାଏ;

ନିୟମର ଧାରା ୨ (ତ) (iii)ରେ ଗ୍ରାମର ସଂଜ୍ଞା ବର୍ଣ୍ଣନା କରାଯାଇଛି ଯେଉଁଥିରେ

(iii)ଜଙ୍ଗଲ ଗ୍ରାମ, ପୁରାତନ ବସତି କିମ୍ବା ବନ୍ଦୋବସ୍ତ ଏବଂ ସର୍ବେକ୍ଷଣ ହୋଇନଥିବା ଗ୍ରାମ ଯାହା ଗ୍ରାମ ଭାବେ ବିଜ୍ଞପ୍ତି ହୋଇଛି  ବା ହୋଇନାହିଁ ତାହା ଅନ୍ତର୍ଭୁକ୍ତ ଅଟେ ।

ଆଇନ୍ ର ଧାରା ୨(ଚ)ରେ ନିମ୍ନଲିଖିତ ଭାବରେ ଜଙ୍ଗଲ ଗ୍ରାମକୁ ବର୍ଣ୍ଣନା କରାଯାଇଛି

**'ଜଙ୍ଗଲ ଗ୍ରାମ'** ଅର୍ଥାତ୍ କୌଣସି ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲର କାର୍ଯ୍ୟକ୍ରମ ନିମନ୍ତେ ଜଙ୍ଗଲ ମଧ୍ୟରେ ସ୍ଥାପନ କରାଯାଇଥିବା ବସତି କିମ୍ବା ଜଙ୍ଗଲ ସଂରକ୍ଷଣ ପ୍ରକ୍ରିୟାରେ  ପରିବର୍ତ୍ତିତ ଜଙ୍ଗଲ ଗ୍ରାମ ଯାହା ଜଙ୍ଗଲ ବନ୍ଦୋବସ୍ତ ହୋଇଥିବା ଗ୍ରାମ ସମୂହ, ନିର୍ଧାର୍ଯ୍ୟ  ଦାବି ଥିବା ଜମି, ସମସ୍ତ ପ୍ରକାରର ଟାଙ୍ଗିଆ ବସତି ଯେକୌଣସି ନାମର  ଗ୍ରାମଖଣ୍ଡ ସହିତ କୃଷି ପାଇଁ ବ୍ୟବହୃତ ଜମି ଏବଂ  ଅନ୍ୟାନ୍ୟ ବ୍ୟବହାର ପାଇଁ ସରକାରୀ ଅନୁମୋଦନ ପ୍ରାପ୍ତ  ଜମି ଗୁଡ଼ିକ ଏହାର  ଅନ୍ତର୍ଭୁକ୍ତ ହେବ;

ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ, ୨୦୦୮(ଏହା ପରଠାରୁ ନିୟମ) ର ନିୟମ ୨କରେ ଯାହା ସଂଶୋଧିତ ହୋଇଅଛି  ତାର ସଦ୍ୟ ସ୍ଥିତି ନିମ୍ନପ୍ରକାରେ ଅଟେ -

୨. କ. ପଡ଼ାଗ୍ରାମ କିମ୍ବା ବସତିର ଚିହ୍ନଟ ଏବଂ ଏହାକୁ ସମ୍ମିଳିତ କରିବାର ପ୍ରକ୍ରିୟା

ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ:-

କ) ପ୍ରତ୍ୟେକ ପଞ୍ଚାୟତ ତାର ସୀମା ଭିତରେ ଥିବା ପଡ଼ାଗ୍ରାମ ବା ବସତିସମୂହ ରେକର୍ଡ଼ଭୁକ୍ତ / ନଥିଭୁକ୍ତ

ହୋଇନଥିବା ଗ୍ରାମ ବନ୍ଦୋବସ୍ତ ହୋଇନଥିବା ଗ୍ରାମ, ଜଙ୍ଗଲ ଗ୍ରାମ, ଟାଙ୍ଗିଆ ଗ୍ରାମ ଅଥବା ଜଙ୍ଗଲ ସ୍ଥିତ ଗ୍ରାମ ଯାହା ଔପଚାରିକ ଭାବରେ କୌଣସି ରାଜସ୍ୱ ଅଥବା ଜଙ୍ଗଲ ଗ୍ରାମର ନଥିଭୁକ୍ତ ହୋଇନାହିଁ, ସେହି ସମସ୍ତ ଗ୍ରାମର ସୂଚୀ ପ୍ରସ୍ତୁତ କରି ପଞ୍ଚାୟତର ସଂକଳ୍ପନାମା ମାଧ୍ୟମରେ ଏହି ନିୟମର ଆବଶ୍ୟକତା ହେତୁ ପ୍ରତ୍ୟେକ ବସତିଗଡକର ସୂଚୀକୁ ଏକତ୍ରୀତ କରି ଏହାକୁ ଗ୍ରାମସଭା ଦ୍ୱାରା ପାରିତ କରିବେ ଏବଂ ଉକ୍ତ ସୂଚୀକୁ ଉପଖଣ୍ଡସ୍ତରୀୟ କମିଟିରେ ଦାଖଲ କରିବେ ।

ଖ) ବର୍ତ୍ତମାନ କୌଣସି ଗ୍ରାମର ଅଂଶବିଶେଷ ହୋଇନଥିବା ମାତ୍ର ପଞ୍ଚାୟତ ସଂକଳ୍ପନାମା ପରେ ଗ୍ରାମ ଭାବରେ ପଞ୍ଚାୟତର ଅନ୍ତର୍ଭୁକ୍ତ ହେଉଥିବା ପଡ଼ାଗ୍ରାମ ଓ ବସତିର ସୂଚୀକୁ ଉପଖଣ୍ଡସ୍ତରୀୟ କମିଟିର ଉପଖଣ୍ଡୀୟ ଅଧିକାରୀ ଏକତ୍ରୀତ କରି ରାଜ୍ୟର ନିୟମ ଅନୁସାରେ ତଥା ଜନସାଧାରଣଙ୍କ ମତାମତକୁ ଆଧାର କରି ଜିଲ୍ଲାସ୍ତରୀୟ କମିଟି ଗ୍ରାମଗୁଡ଼ିକୁ ମୁଖ୍ୟଗ୍ରାମ ସହିତ ସଂଯୁକ୍ତ କରିବେ ଅଥବା ସ୍ୱତନ୍ତ୍ର ଗ୍ରାମ ଭାବରେ ଚୂଡ଼ାନ୍ତ ମାନ୍ୟତା ଦେବେ ।

ଗ) ପଡ଼ାଗ୍ରାମ ତଥା ବସତିର ସୂଚୀ ଚୂଡ଼ାନ୍ତ ହେବାପରେ ଅଧିକାର ପ୍ରଦାନ ଓ ସ୍ୱୀକୃତର ପ୍ରକ୍ରିୟା ସେହି ପଡ଼ାଗ୍ରାମ ତଥା ବସତିରେ ଆରମ୍ଭ କରାଯିବ ଓ ପୂର୍ବରୁ ମାନ୍ୟତା ଦିଆଯାଇଥିବା କୌଣସି ଅଧିକାରକୁ ଏହା ବ୍ୟାଘାତ କରିବ ନାହିଁ।

ପୁନଶ୍ଚ, ନିୟମ ୧୨ଖ (୪)ରେ ନିମ୍ନଭାବରେ ବର୍ଣ୍ଣନା କରାଯାଇଅଛି

**୧୨ ଖ. ଗୋଷ୍ଠୀ ଅଧିକାର ସ୍ୱୀକୃତର ପ୍ରକ୍ରିୟା :-**

୪. ଆଇନ୍‌ର ଧାରା ୩ର ଖଣ୍ଡ (ଜ)ର ଉଲ୍ଲେଖ ଅନୁଯାୟୀ ଜଙ୍ଗଲ ଗ୍ରାମ ଅଣ-ରେକର୍ଡଭୁକ୍ତ ବସତିର ପରିବର୍ତ୍ତନ ସମୟରେ ବର୍ତ୍ତମାନ ତଥା ଭବିଷ୍ୟତରେ ସାମୁଦାୟୀକ ବ୍ୟବହାର ପାଇଁ ଆବଶ୍ୟକୀୟ ସ୍କୁଲ୍, ସ୍ୱାସ୍ଥ୍ୟ ସୁବିଧା ତଥା ସର୍ବସାଧାରଣ କ୍ଷେତ୍ର ଇତ୍ୟାଦି ବାସ୍ତବିକ ଭୂମିର ଉପଯୋଗ ସାମଗ୍ରୀକ ଭାବରେ ଏହାର ଅନ୍ତର୍ଭୁକ୍ତ ହେବ ।

ଜୁଲାଇ ୨୦୧୨ରେ ମନ୍ତ୍ରଣାଳୟ ଦ୍ୱାରା ଜାରିକରାଯାଇଥିବା ମାର୍ଗଦର୍ଶୀକାରେ ଜଙ୍ଗଲ ଅଧିକାର ଆଇନ୍‌ର ପ୍ରାବଧାନ ଅନୁଯାୟୀ  କୌଣସି ବ୍ୟତିକ୍ରମ କିମ୍ବା ବ୍ୟାଘାତ ନଘଟାଇ କୌଣସି ଗ୍ରାମ ଯେକୌଣସି ଜଙ୍ଗଲ ଜମିରେ ଥିଲେ ମଧ୍ୟ ଯେମିତିକି ଉପଖଣ୍ଡ (iii) (ଘ)ରେ ସୁରକ୍ଷିତ ଅଞ୍ଚଳରେ ଥିଲେ ମଧ୍ୟ ସେହି ଜଙ୍ଗଲ

ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ଗୁରୁତ୍ୱ ଦିଆଯାଇଥିଲା।

### ୩. ସାମୂହିକ ଅଧିକାର –

(ଘ)ସାଧୀନତା ପୂର୍ବରୁ ଜଙ୍ଗଲ ବିଭାଗ ରେକର୍ଡ଼ରେ ଜଙ୍ଗଲ ଗ୍ରାମର ଏକ ପୁରୁଣା ଅସ୍ତିତ୍ୱ ରହିଆସିଛି। ଜଙ୍ଗଲ ଭିତରେ ମଜୁରୀ କରିବାର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଜଙ୍ଗଲ  ବିଭାଗର କର୍ତ୍ତୃପକ୍ଷ ସାଧୀନତା ପୂର୍ବ ସମୟରେ ଜଙ୍ଗଲ ଗ୍ରାମଗୁଡ଼ିକୁ ବସାଇବା ପାଇଁ ଆଗ୍ରହ ଦେଖାଇଥିଲେ। ରାଜ୍ୟ ଜଙ୍ଗଲ ବିଭାଗ ନିକଟରେ ପ୍ରତ୍ୟେକ ଜଙ୍ଗଲ ଗ୍ରାମର ବିସ୍ତୃତ ରେକର୍ଡ଼ ଯଥା: ଜଙ୍ଗଲ ଗ୍ରାମର ଆୟତନ, ଅଧିବାସୀଙ୍କ ସଂଖ୍ୟା ଇତ୍ୟାଦି ତଥ୍ୟ ରହିଛି। ଏହାକୁ ବାଦ୍ ଦେଇ ଆହୁରି ଅନେକ ରେକର୍ଡ଼ ବହିଃର୍ଭୂତ ବସତି ତଥା ପୁରୁଣା ବସତି ରହିଛି ଯାହାର କୌଣସି ସରକାରୀ ରେକର୍ଡ଼ ନାହିଁ। ଜଙ୍ଗଲ ଗ୍ରାମ, ପୁରୁଣା ବସତି, ଅଣବନ୍ଦୋବସ୍ତ ଗ୍ରାମ ଯାହା ବନ୍ଦୋବସ୍ତ ତଥା ପରିବର୍ତ୍ତିତ ନ ହୋଇଛି ଏବଂ ଅନ୍ୟାନ୍ୟ DLC ଅଣ ରେକର୍ଡ଼ଭୁକ୍ତ ଗ୍ରାମ ତଥା ଜଙ୍ଗଲ ଓ ରାଜସ୍ୱ ଗ୍ରାମ ଭାବରେ ବିଜ୍ଞାପିତ ହୋଇଥିବା ଅଥବା ହୋଇନଥିବା ଗ୍ରାମଗୁଡ଼ିକର ଆଦିବାସୀ ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଅଧିକାର ସ୍ୱୀକୃତି ବିଷୟରେ ଜଙ୍ଗଲ ଅଧିକାର ଆଇନ ୨୦୦୬ର ଧାରା ୩ (୧) (ଜ) ରେ ଉଲ୍ଲେଖ ଅଛି। ଜଙ୍ଗଲ ଗ୍ରାମଗୁଡ଼ିକ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରି ସେଠାକାର ଅଧିବାସୀଙ୍କର ଜଙ୍ଗଲ ଅଧିକାରକୁ ଆଇନ୍ ଆଗତ ହେବାପରେ ଯଥାଶୀଘ୍ର ସ୍ୱୀକୃତି ପ୍ରକ୍ରିୟାକୁ ଶେଷ କରିବା ଉଚିତ୍। ତେଣୁ ରାଜ୍ୟ ସରକାର ବଳକା ରହିଯାଇଥିବା ଜଙ୍ଗଲ ଗ୍ରାମକୁ ଯଥାଶୀଘ୍ର ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବା ଆବଶ୍ୟକ। ଅଣରେକର୍ଡ଼ଭୁକ୍ତ ବସତି, ପୁରୁଣା ବସତିଗୁଡ଼ିକୁ ଜରୁରୀ ମନେକରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରାଯିବା ଉଚିତ୍ । ଏହି ପରିବର୍ତ୍ତନ ସମଗ୍ର ଗ୍ରାମର ପ୍ରକୃତ ଜମିରି ବ୍ୟବହାର ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରିବ। ଏଥି ମଧ୍ୟରେ ବର୍ତ୍ତମାନ ତଥା ଭବିଷ୍ୟତରେ ସାମୂହିକ ବ୍ୟବହାର ପାଇଁ ଆବଶ୍ୟକ ସ୍କୁଲ୍, ସ୍ୱାସ୍ଥ୍ୟ ବ୍ୟବସ୍ଥା, ସର୍ବସାଧାରଣ ସ୍ଥାନ ଇତ୍ୟାଦି ଅନ୍ତର୍ଭୁକ୍ତ ହେବ। ଜଙ୍ଗଲ ବିଭାଗ ନିକଟରେ ଥିବା ଜଙ୍ଗଲ ଗ୍ରାମର ରେକର୍ଡ଼ ଏହାପରେ ଅଧିକାର ସ୍ୱୀକୃତି ପାଇ ନୂତନ ଭାବରେ ରେକର୍ଡ଼ଭୁକ୍ତ ହେବ।

ଉପରୋକ୍ତ ବିଷୟକୁ ଅନୁସରଣ କରି ମନ୍ତ୍ରଣାଳୟ ଜଙ୍ଗଲ ଗ୍ରାମକୁ ରାଜସ୍ୱଗ୍ରାମରେ ବନ୍ଦୋବସ୍ତ କରିବାର ପ୍ରକ୍ରିୟା ଉପରେ ବର୍ତ୍ତମାନର ମାର୍ଗଦର୍ଶୀକାକୁ ଜାରି କରୁଅଛି ।

୧. ଜଙ୍ଗଲ ଜମି ଉପରେ ଥିବା ସମସ୍ତ ଗ୍ରାମ / ବସତିଗୁଡ଼ିକୁ ଜିଲ୍ଲା ପରିସଂଖ୍ୟାନ ସହାୟକ ପୁସ୍ତିକା (District Statistical Handbooks) ଏବଂ ଜନଗଣନା ଗ୍ରାମ ନିର୍ଦ୍ଦେଶିକା (Census Village Directory) ର ସହାୟତାରେ ଚିହ୍ନଟ କରିବା ଉଚିତ୍ । ଶୁନ୍ୟ ରାଜସ୍ୱ ଜମି ଥିବା ପ୍ରତ୍ୟେକ ବସତି ଗୁଡ଼ିକୁ ମଧ୍ୟ ଆଇନ୍ ଅଧିନରେ ରାଜସ୍ୱ ଗ୍ରାମରେ ପରିବର୍ତ୍ତୀତ କରି ନିମନ୍ତେ ଜଙ୍ଗଲ ଗ୍ରାମ ରୂପେ ପରିଗଣିତ କରାଯିବା ଉଚିତ୍ । ଏହାବ୍ୟତୀତ, ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ , ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ ଏବଂ ବଜାର ସ୍ଥାନରେ ଏହି ଅଧିକାର ସମ୍ବନ୍ଧରେ ଲୋକଙ୍କୁ ଜଣାଇବା ଏବଂ ଜଙ୍ଗଲ ଜମି ଉପରେ ଥିବା ଗ୍ରାମଗୁଡ଼ିକୁ ସେମାନଙ୍କର ଦାବି ଦାଖଲ କରିବା କିମ୍ବା ତତ୍‌ସମ୍ପର୍କୀତ ସହାୟତା ନିମନ୍ତେ ସଂପୃକ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିବା ନିମନ୍ତେ ଏକ ସାର୍ବଜନୀନ ସୂଚନା ମାଧ୍ୟମରେ ଲୋକଙ୍କ ମତାମତକୁ ଆହ୍ୱାନ କରାଯିବା ଉଚିତ୍ । ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ପ୍ରସ୍ତୁତ ହୋଇଥିବା ଏହିସବୁ ଗ୍ରାମଗୁଡ଼ିକର ତାଲିକା ପାଇବା ପାଇଁ ଦାୟୀତ୍ୱ ନେବେ ।

୨. ଉପଖଣ୍ଡସ୍ତରୀୟ ଅଧିକାରୀ ବର୍ତ୍ତମାନ ସୁଦ୍ଧା କୌଣସି ଗ୍ରାମରେ ଅନ୍ତର୍ଭୁକ୍ତ ହୋଇନଥିବା କିନ୍ତୁ ଆଇନ୍‌ର ଧାରା ୩(୧)(ଜ) ଅନୁସାରେ ଜଙ୍ଗଲଗ୍ରାମର ସଂଜ୍ଞା ମଧ୍ୟରେ ଆସୁଥିବା ପଡାଗ୍ରାମ ବା ବସତିଗୁଡ଼ିକର ତାଲିକାକୁ ସମ୍ମିଳିତ କରିବେ ଏବଂ ତାହାକୁ ଜିଲ୍ଲାପାଳଙ୍କୁ ପ୍ରେରଣ କରିବେ ।

୩. ସେହି ଗ୍ରାମ / ପୁରୁଣା ବସତିଗୁଡ଼ିକର ବାସିନ୍ଦାମାନେ ସେମାନଙ୍କର ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ / ବନ୍ଦୋବସ୍ତ କରିବା ନିମନ୍ତେ ଦାବି କରିବା ନିମନ୍ତେ ସମର୍ଥ ଏହା ସୁନିଶ୍ଚିତ କରିବାରେ ଜିଲ୍ଲାପାଳଙ୍କ ଦାୟୀତ୍ୱ ରହିବ ।

୪. ଏଭଳି ପ୍ରତ୍ୟେକ ଗ୍ରାମ/ ବସତିରେ ଦାବି ଦାଖଲ କରିବାର ପ୍ରକ୍ରିୟା ଜଣାଇ (ଏହି ଆଦେଶ ଅନୁସାରେ) ଦାବିପତ୍ର ଆହ୍ୱାନ କରିବା ନିମନ୍ତେ ଏକ ସୂଚନା ପତ୍ର ଲଗାଯିବା ଉଚିତ୍ ।

୫. ପ୍ରତ୍ୟେକ ଜିଲ୍ଲାରେ ପ୍ରସ୍ତୁତ କରାଯାଇଥିବା ତାଲିକାକୁ ରାଜ୍ୟସ୍ତରୀୟ ତଦାରଖ କମିଟିକୁ ଜଣାଇଦିଆଯିବ ଯିଏକି ଜଙ୍ଗଲଗ୍ରାମ ଏବଂ ପୁରୁଣା ବସତି ଏବଂ ତାର ପରିବର୍ତ୍ତନର ସ୍ଥିତି ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ସମ୍ମିଳିତ ତାଲିକା ପ୍ରସ୍ତୁତ କରିବେ । ପ୍ରତ୍ୟେକ ତିନିମାସରେ ଜିଲ୍ଲାଭିତ୍ତିକ ଜଙ୍ଗଲଗ୍ରାମର ତାଲିକା ଏବଂ ସେମାନଙ୍କର ପରିବର୍ତ୍ତନର ସ୍ଥିତି ସମ୍ବନ୍ଧୀୟ ଏକ ବିବରଣୀ ମନ୍ତ୍ରଣାଳୟକୁ ପ୍ରେରଣ କରାଯିବା ଉଚିତ୍ ।

୬. ଏହି ନିୟମର ଧାରା ୭(ଚ)(iii) ର ଉଦ୍ଦେଶ୍ୟ ଅନୁସାରେ ପ୍ରତ୍ୟେକ ଗ୍ରାମ / ବସତିର ସମସ୍ତ ବୟସ୍କ ବାସିନ୍ଦାଙ୍କର ସଭାକୁ ଗ୍ରାମସଭାର ମାନ୍ୟତା ଦିଆଯାଇଛି ଏବଂ ସେମାନେ ନିଜର ଜଙ୍ଗଲ ଅଧିକାର କମିଟି ବାଛିବେ ।

୭. ଯେଉଁ ପୁରୁଣା ବସତି କିମ୍ବା ଅଣସର୍ଭେ ଗ୍ରାମରେ ବୟସ୍କ ବାସିନ୍ଦାଙ୍କ ସଂଖ୍ୟା ଜଙ୍ଗଲ ଅଧିକାର କମିଟି ନିମନ୍ତେ ଆବଶ୍ୟକ ଥିବା ସଂଖ୍ୟା ଠାରୁ କମ୍ ଥିବ ସେମାନେ ଏକ ଛୋଟିଆ ଜଙ୍ଗଲ ଅଧିକାର କମିଟି ଗଠନ କରିପାରିବେ ।  ଯଦି ସେହି ଛୋଟ ବସତିଟି ଅନ୍ୟ କୌଣସି ରାଜସ୍ୱ ଗ୍ରାମର ପରିସୀମା ମଧ୍ୟରେ ଆସୁଥାଏ ଏବଂ ସେମାନେ ଯଦି ଚାହାଁନ୍ତି ତେବେ ସର୍ବସମ୍ମତି କ୍ରମେ ଏକ ସଂକଳ୍ପନାମା ପାରିତ କରି ବସତିଟି ରାଜସ୍ୱ ଗ୍ରାମରେ ପରିବର୍ତ୍ତନ ପରେ ବଡ ରାଜସ୍ୱ ଗ୍ରାମରେ ମିଶିଯାଇପାରିବ ।

୮. ଆଇନ୍‌ର ଧାରା ୩(୧) (ଜ) ଅଧିନରେ ସମସ୍ତ ଜଙ୍ଗଲ ଗ୍ରାମ, ପୁରୁଣା ବସତି, ଅଣସର୍ଭେ ଗ୍ରାମ, ନଥିଭୁକ୍ତ, ବିଜ୍ଞପିତ ହୋଇଥିବା କିମ୍ବା ହୋଇ ନଥିବା ସମସ୍ତ ଜଙ୍ଗଲ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ନିମନ୍ତେ ସାମୁହିକ ଭାବରେ ଏକ ଦାବିପତ୍ର ବସତିଗୁଡ଼ିକର ଗ୍ରାମସଭା ଦ୍ୱାରା ପ୍ରସ୍ତୁତ କରାଯିବ ।  ଉପରୋକ୍ତ ସୂଚନା ପାଇବାର ତିନିମାସ ମଧ୍ୟରେ ଯଦି କୌଣସି ବସତି  ଏହି ଦାବିପତ୍ର ଦାଖଲ କରିବାରେ ବିଫଳ ହୁଏ ତେବେ ଜିଲ୍ଲାପାଳ ଏକ ରାଜସ୍ୱ ଅଧିକାରୀ (ତହସିଲଦାର ପାହ୍ୟାର)ଙ୍କୁ ବସତିଗୁଡ଼ିକୁ ଭ୍ରମଣ କରି ସେଠାକାର ବାସିନ୍ଦାମାନଙ୍କୁ ସେମାନଙ୍କର ଦାବିପତ୍ର ଦାଖଲ କରିବାର ସୂଚନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବେ ।

୯. ଜଙ୍ଗଲ ଜମି ଉପରେ କୌଣସି ଗ୍ରାମ / ବସତି ଯାହାକି ଏକ ରାଜସ୍ୱ ଗ୍ରାମ ନୁହେଁ ସେଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରାଯିବା ପାଇଁ ଯୋଗ୍ୟ ବିବେଚିତ କରାଯିବ ଯଥା –

- ସମସ୍ତ ଜଙ୍ଗଲ ଗ୍ରାମ ସମେତ ସମସ୍ତ ପ୍ରକାର ଟାଙ୍ଗିଆ ଗ୍ରାମ ଯାହାକୁ ଜଙ୍ଗଲ ବିଭାଗ ବସେଇଥିଲା ଏବଂ ଜଙ୍ଗଲଗ୍ରାମ ଭାବରେ ଥରକୁ ଥର ନଥିଭୁକ୍ତ / ସ୍ୱୀକୃତି ପ୍ରଦାନ କରିଥିଲା ।
- ସମସ୍ତ ଜଙ୍ଗଲ ଗ୍ରାମ ସମେତ ସମସ୍ତ ପ୍ରକାର ଟାଙ୍ଗିଆ ଗ୍ରାମ ଯାହାକୁ ଜଙ୍ଗଲ ବିଭାଗ ଜଙ୍ଗଲଜମି ଉପରେ ଜଙ୍ଗଲ ସମ୍ବନ୍ଧୀୟ କାର୍ଯ୍ୟ ଏବଂ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ

ବସାଇଥିଲା କିନ୍ତୁ ସେଗୁଡ଼ିକ ଜଙ୍ଗଲଗ୍ରାମ ଭାବରେ ନଥିଭୁକ୍ତ / ସ୍ୱୀକୃତି ପ୍ରଦାନ କରାଯାଇନଥିଲା ।

- ଜଙ୍ଗଲ ବିଭାଗ ଦ୍ୱାରା ଅନେକ ବ୍ୟକ୍ତିଙ୍କୁ ଥରକୁ ଥର ଜଙ୍ଗଲ ଜମି ଉପରେ ବିଭିନ୍ନ ପ୍ରକାର ଲିଜ୍ ପ୍ରଦାନ କରିଥିବା କାରଣରୁ ସୃଷ୍ଟି ହୋଇଥିବା ସମସ୍ତ ଜଙ୍ଗଲ ଗ୍ରାମ ଓ ତାର ସ୍ଥାୟୀ ଦାବିଧାରକ ।
- ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପରୁ ବିସ୍ଥାପିତ ହୋଇଥିବା ବ୍ୟକ୍ତି କିମ୍ବା କୌଣସି କାର୍ଯ୍ୟରେ ନିଯୁକ୍ତ କରିଥିବା ଶ୍ରମିକ ମାନଙ୍କୁ ବସାଇଥିବା ସମସ୍ତ ଗ୍ରାମ / ବସତି ଯେଉଁଗୁଡ଼ିକ ରାଜସ୍ୱ ଗ୍ରାମଭାବରେ ସର୍ଭେ ହୋଇନାହିଁ, ସ୍ୱୀକୃତି ପାଇନାହିଁ କି ନଥିଭୁକ୍ତ ହୋଇନାହିଁ ।
- ସମସ୍ତ ପୁରୁଣା ବସତି  କିମ୍ବା ଅଣସର୍ଭେ ଗ୍ରାମ ଯାହାକି ଜଙ୍ଗଲ ଜମି ଉପରେ ଅବସ୍ଥିତ ଥିବା କାରଣରୁ ଉପଯୁକ୍ତ ଭାବେ ସର୍ଭେ ଏବଂ ବନ୍ଦୋବସ୍ତ ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି ।

୧୦. ଗ୍ରାମସଭା/ ଜଙ୍ଗଲ ଅଧିକାର କମିଟି ସଂପୃକ୍ତ ଜଙ୍ଗଲ ଗ୍ରାମ / ବସତି ଗୁଡ଼ିକର ଗ୍ରାମ / ବସତିଗୁଡ଼ିକର ଚୌହଦି ନିର୍ଣ୍ଣୟ କରିବ ଏବଂ ତାପରେ ଗୋଷ୍ଠୀମାନଙ୍କର ଅନୁରୋଧ କ୍ରମେ ଆବଶ୍ୟକ ସ୍ଥଳେ ସ୍ଥାନୀୟ ରାଜସ୍ୱ ଜମି ଅଧିକାରୀ ଏବଂ / କିମ୍ବା ଉପଖଣ୍ଡସ୍ତରୀୟ କମିଟିର ପ୍ରତିନିଧିଙ୍କ ସହାୟତାରେ ଗ୍ରାମର ବର୍ତ୍ତମାନର ଉପଯୋଗ ହେଉଥିବା ଜମିକୁ ନେଇ ଏକ ବିଶଦ ମାନଚିତ୍ର ପ୍ରସ୍ତୁତ କରିବ ।  ମାନଚିତ୍ରରେ ନିମ୍ନଲିଖିତ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ ହେବ-

- ଚାଷ ହେଉଥିବା ସ୍ଥାନ ଏବଂ ବିସ୍ତାର, ଘରବାରି ଜମି / ଘର, ଜଙ୍ଗଲ, ଜଳାଶ୍ରୟ ଏବଂ ସର୍ବସାଧାରଣ ଜମି ଯେପରିକି ଚାରଣ ଭୂମି / ଶ୍ମଶାନ ଇତ୍ୟାଦି
- ଅନ୍ୟ ଜାଗାଗୁଡ଼ିକ ଯଥା ବିଦ୍ୟାଳୟ, ପୂଜାସ୍ଥଳୀ, ଖେଳପଡିଆ, ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟ ଗୋଷ୍ଠୀଗୃହ / ଗୋଷ୍ଠୀସେବା ଗୁଡ଼ିକର ସ୍ଥାନ ଏବଂ ବିସ୍ତାର
- ସେମାନଙ୍କର ଗୋଷ୍ଠୀଜଙ୍ଗଲ ସମ୍ବଳର ସ୍ଥାନ ଏବଂ ବିସ୍ତାର ଯାହା ଉପରେ ଅନେକ ଗୋଷ୍ଠୀ ଅଧିକାର ପ୍ରୟୋଗ ହେଉଛି ।

୧୧. ଗ୍ରାମସଭା, ପ୍ରସ୍ତୁତ ହୋଇଥିବା ମାନଚିତ୍ରକୁ ଅନୁମୋଦନ କରି ଉକ୍ତଗ୍ରାମକୁ ରାଜସ୍ୱଗ୍ରାମରେ ପରିବର୍ତ୍ତନ କରିବା ପାଇଁ ଦାବି କରି ସଂକଳ୍ପନାମା ସହିତ ଉପଖଣ୍ଡସ୍ତରୀୟ କମିଟିକୁ ପ୍ରେରଣ

କରିବ । ଦାବି ସହିତ ଗ୍ରାମର ସମସ୍ତ ବୟସ୍କ ବାସିନ୍ଦାଙ୍କ ତାଲିକା ସଂଯୁକ୍ତ କରାଯିବ । ଅସମ୍ପୂର୍ଣ୍ଣ ଦାବିପତ୍ରକୁ ନାକଚ କରାଯାଇପାରିବ ନାହିଁ ବରଂ ଗ୍ରାମସଭାକୁ ଆବଶ୍ୟକୀୟ ଅତିରିକ୍ତ ସୂଚନା ଉପରେ ନିର୍ଦ୍ଦିଷ୍ଟ ଅନୁଦେଶ ସହିତ ପ୍ରତିପ୍ରେରଣ କରାଯିବ ।

୧୨. ଦାବିପତ୍ର, ମାନଚିତ୍ର ଏବଂ ତାଲିକାକୁ ଯାଞ୍ଚ କରିବା ପରେ ଉପଖଣ୍ଡସ୍ତରୀୟ କମିଟି ଏହାକୁ ଅନୁମୋଦନ କରି ଜିଲ୍ଲାସ୍ତରୀୟ କମିଟିକୁ ପ୍ରେରଣ କରିବେ ଯିଏ ସଂପୃକ୍ତ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ଜିଲ୍ଲାସ୍ତରୀୟ କମିଟି ନିଷ୍ପତ୍ତି ନେବାର ଦୁଇ ସପ୍ତାହ ମଧ୍ୟରେ, ଜିଲ୍ଲାପାଳ ଗ୍ରାମକୁ ରାଜସ୍ୱଗ୍ରାମରେ ପରିବର୍ତ୍ତନ କରିବା ନିମନ୍ତେ ଆବଶ୍ୟକୀୟ ପ୍ରକ୍ରିୟା ପ୍ରାରମ୍ଭ କରିବେଏବଂ ବାସିନ୍ଦାମାନଙ୍କର ଜମି ଅଧିକାରକୁ ରାଜସ୍ୱ ନିୟମ ଅଧିନରେ ବ୍ୟବସ୍ଥିତ କରିବେ ।

ପ୍ରକାଶ ଥାଉକି, ଏହି ପରିବର୍ତ୍ତନ କୌଣସି ପ୍ରକାରେ ପରିବର୍ତ୍ତିତ ହୋଇଥିବା ଗ୍ରାମର ବାସିନ୍ଦା ମାନଙ୍କର ଜଙ୍ଗଲ ଅଧିକାର ଉପରେ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ।

୧୩. ଯେଉଁ ଗ୍ରାମ / ବସତିରେ ସମ୍ପୂର୍ଣ୍ଣ ଆଦିବାସୀ କିମ୍ବା ସଂଖ୍ୟାଗରିଷ୍ଠ ଭାବରେ ଆଦିବାସୀ ବସବାସ କରୁଥିବେ ସେହି ଗ୍ରାମରେ ଗ୍ରାମ / ବସତିକୁ ପରିବର୍ତ୍ତନ କରିବା ନିମନ୍ତେ ବସତିଟି ୧୩ ଡ଼ିସେମ୍ବର ୨୦୦୫ ପୂର୍ବରୁ ରହିଥିବା ଆବଶ୍ୟକ ।

୧୪. ଉପରେ ପ୍ରଦାନ କରାଯାଇଥିବା ପଡା ଏବଂ ବସତିର ତାଲିକା ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ସ୍ୱୀକୃତି ପ୍ରଦାନ କରାଯାଇଥିବା ଅଧିକାରରେ ବାଧା ନଦେଇ ଏହି ପଡା ବା ବସତିଗୁଡ଼ିକରେ ଅଧିକାର ସାବ୍ୟସ୍ତ ପ୍ରକ୍ରିୟା କରାଯିବ ।